# ସମନ୍ୱିତ କୃଷିର ଏକ ସଫଳ କାହାଣୀ: ଦିଲେଶ୍ୱର ଧଳ









ଦିଲେଶ୍ୱର ଧଳ ଦେବଗଡ଼ ସହରତଳି ଅଞ୍ଚଳର ରଜାମୁଣ୍ଡା ଗ୍ରାମର ଜଣେ ଯୁବଚାଷୀ । ନିଜର ୨ ହେକ୍ଟର ଜମିରେ ଧାନଚାଷ ବଦଳରେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ପାଇ ଏକ ପୋଖରୀ ଭିତ୍ତିକ ସମନ୍ୱିତ କୃଷି ପ୍ରଣାଳୀକୁ ଅବଲମ୍ବନ କରିଛନ୍ତି । ଦେଢ଼ ହେକ୍ଟର ଜମିରେ ଧାନ, ୦.୦୫ ହେକ୍ଟରରେ ଫୁଲକୋବି,.୦.୦୫ ହେକ୍ଟରରେ ଝୁଡ଼ୁଙ୍ଗ, ୦.୦୧ ହେକ୍ଟରରେ ଆଖୁ ଏବଂ ୦.୪ ହେକ୍ଟର ପୋଖରୀରେ ସଘନ ମାଛଚାଷ କରିଛନ୍ତି । ପୋଖରୀ ହିଡ଼ରେ ୧୦ଟି ଆମ୍ବଗଛ, ୧୫ଟି ଅମୃତଭଣ୍ଡା ଗଛ ଲଗାଇଛନ୍ତି । ଘର ପାଖରେ ୫୦ଟି ଛତୁ ବେଡ୍ ପକାଇଛନ୍ତି । ଏସବୁ କ୍ଷେତ୍ରରେ ମୋଟ ୫୯, ୪୦୦ ଟଙ୍କା ଖର୍ଚ୍ଚ କରି ବାର୍ଷିକ ୧,୪୭,୭୫୦ ଟଙ୍କା ଲାଭ ଉଠାଇ ପାରିଛନ୍ତି । ପୋଖରୀ ହିଡ଼ରେ ଏକ କୁକୁଡ଼ା ବତକ ଘର କରି ଓ ଜିଆଖତ କରି ସେ ଲାଭକୁ ଆହୁରି ବଢ଼ାଇବାରେ ଚେଷ୍ଟିତ ଅଛନ୍ତି ।

ତାଙ୍କର ଏ ପ୍ରଚେଷ୍ଟା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ ତାଙ୍କୁ ସାଧୁବାଦ ଜଣାଉଛି ।

# ରେଡ୍ କର୍ଣିସ୍ କୁକୁଡ଼ାର କ୍ଷେତ୍ର ପରିକ୍ଷଣ

ରବି ୨୦୧୧-୧୨ ବର୍ଷରେ ତିଲେଇବଣି ବ୍ଲକ୍ ଅନ୍ତର୍ଗତ କୈଳାଶ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କୁ ନେଇ ରେଡ୍ କରନିସ୍ ନାମକ ଉନ୍ନତ କିସମ କୁକୁଡ଼ାର କ୍ଷେତ୍ର ପରୀକ୍ଷଣ ହୋଇଥିଲା । ଏଥି ନିମେନ୍ତ ୨୫ ଦିନିଆ ରେଡ଼ କରନିସ୍ କିସମର ଚିଆଁ ଯୋଗାଇ ଦିଆ ଯାଇଥିଲା । ଏହା ବ୍ୟତୀତ ମହିଳାମାନଙ୍କୁ ଖାଦ୍ୟ ପରିଚାଳନା, ରୋଗ ପରିଚାଳନା ଏବଂ ଟିକା ଦାନ ଉପରେ ତାଲିମ୍ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିଆଁ ମାନଙ୍କୁ ବିଭିନ୍ନ ଟିକା ବି ଦିଆ ଯାଇଥିଲା । ଏହି ପରିକ୍ଷଣରୁ ଜଣାଗଲା ଯେ ରେଡ଼ କରନିସ୍ କୁକୁଡ଼ାର ଓଜନ ୩.୫ କେଜି ରୁ ୪.୫ କେଜି ରହୁଥିଲା ବେଳେ ବନରାଜା କୁକୁଡ଼ାର ଓଜନ ୨.୫ କେଜି ରୁ ୩.୫ କେଜି ରହୁଛି । ସେହିପରି ରେଡ଼ କରନିସ୍ କୁକୁଡ଼ାର ଅଣ୍ଡାର ଓଜନ ୫୦ ରୁ ୬୦ ଗ୍ରାମ ରହିଥିଲା ବେଳେ ବନରାଜାର ୪୦-୪୫ ଗ୍ରାମ ରହୁଛି । କିନ୍ତୁ ବାର୍ଷିକ ଅଣ୍ଡାଦାନ କ୍ଷମତା ରେଡ କରନିସ୍ କୁକୁଡ଼ାର ୫୦ଟି ରହୁଥିଲା ବେଳେ ବନରାଜା କୁକୁଡାର ରହୁଛି ୧୮୦ଟି । ଉକ୍ତ ପରୀକ୍ଷାରୁ ଜଣାଗଲା ଯେ ମାଂସ ପାଇଁ ରେଡ଼ କରନିସ୍ ଏକ ଉତ୍କୃଷ୍ଟ କିସମ । ଏହି ପରୀକ୍ଷଣରେ ମହିଳାମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ଅଧିକାଂଶ ଗ୍ରାମୀଣ ମହିଳା ଏହି କିସମର କୁକୁଡ଼ା ପାଳନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।






**ପ୍ରକାଶକ** : କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼
**ମୁଖ୍ୟ ସମ୍ପାଦକ** : ଡକ୍ଟର କସ୍ତୁରୀ ଚରଣ ବାରିକ
**ସମ୍ପାଦକ** : ଶ୍ରୀ ସୁଜିତ କୁମାର ନାଥ
**ସଂପାଦନା ମଣ୍ଡଳୀ** : ଶ୍ରୀ ସୁକାନ୍ତ କୁମାର ସାହୁ, ଶ୍ରୀମତୀ ଅନୀତା ପାତ୍ର, ଶ୍ରୀ ଲବ ସୋରେନ୍
**ଫଟୋଗ୍ରାଫି** : ଶ୍ରୀ ନିହାର ରଞ୍ଜନ ବରାଳ, ଶ୍ରୀ ବେଣୁଧର ମହାରଣା



**ଯୋଗାଯୋଗ:**
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ପୁରୁଣାଗଡ଼
ହର୍ଟିକଲ୍‌ଚର ଫାର୍ମ ସନ୍ନିକଟ, ଜି : ଦେବଗଡ଼-୭୬୮୧୧୯
ଫୋନ୍ : ୦୬୬୪୧-୨୨୬୧୨୨,୨୨୬୧୨୩
e-mail : deogarhkvk@yahoo.com



ମୁଦ୍ରଣ : ଶ୍ରୀ ଜେରକ୍ସ ଆଣ୍ଡ ଅଫସେଟ୍, ବି. କେ. ରୋଡ୍, କଟକ-୧
ଫୋନ୍ : ୯୩୩୮୧୧୧୮୪୨, ୯୮୬୧୨୩୪୫୦୩












# ପ୍ରଧାନ ପାଟ

## କୃଷି ସମାଚାର ପତ୍ର


KRISHI VIGYAN KENDRA, DEOGARH କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ପଞ୍ଚମ ବର୍ଷ ଦ୍ୱିତୀୟ ସଂଖ୍ୟା (ଜୁଲାଇ-ସେପ୍ଟେମ୍ବର) ୨୦୧୨




## ମୁଖ୍ୟ ସଂପାଦକଙ୍କ କଲମରୁ........

ଦେବଗଡ଼ ଜିଲ୍ଲାର ସାମଗ୍ରିକ ଅର୍ଥନୀତି ମୁଖ୍ୟତଃ କୃଷି, ପଶୁପାଳନ ଓ ଜଙ୍ଗଲ ସଂପଦ ଉପରେ ପର୍ଯ୍ୟବେସିତ । ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରର ଶତକଡ଼ା ୫୨ ଭାଗ ପାହାଡ଼ ପର୍ବତ ଭରା । ମୋଟ ଚାଷଜମିର ମୁଖ୍ୟଭାଗ ଉଚ୍ଚ ଜମି କିସମର, ଦଇ ତୃତୀୟାଂଶ ଅଣଜଳସେଚିତ ଓ ମୃତ୍ତିକା ଅମ୍ଳୀୟ । ଏହି ସବୁ ପ୍ରତିକୂଳ ପରିସ୍ଥିତିରେ କୃଷି କ୍ଷେତ୍ରକୁ ଲାଭଜନକ କରାଇ ଜିଲ୍ଲାର କୃଷି ଅର୍ଥନୀତିକୁ ସମୃଦ୍ଧ କରାଇବା ଜିଲ୍ଲା ପ୍ରଶାସନ, ଜିଲ୍ଲାର ଅଧିକାରୀଗଣ ଓ କୃଷିଜୀବି ଅଧିବାସୀମାନଙ୍କ ପାଇଁ ଏକ ଆହ୍ୱାନ । ୨୦୦୬ ମସିହା ଜୁଲାଇ ମାସରେ ଦେବଗଡ଼ ଜିଲ୍ଲା ସଦର ସହକୁମାରେ ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ର ଚାଷୀ ଜମିରେ ନୂତନ ଜ୍ଞାନ କୌଶଳ ପରୀକ୍ଷଣ କରାଇ ତାକୁ ଜିଲ୍ଲାରେ ଆଦୃତ କରାଇବା ଲକ୍ଷ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରତିଷ୍ଠା କରାଯାଇଛି । କୃଷି ଓ ତତ୍ ଆନୁଷଙ୍ଗୀୟ କ୍ଷେତ୍ରରେ ବିଭିନ୍ନ ସାମାଜିକ, ବୈଷୟିକ ଓ ସାଂସ୍କୃତିକ ସମସ୍ୟାକୁ ଅନୁଧ୍ୟାନ କରି ଉଚିତ୍ ସମୟରେ ଠିକଣା ପଦକ୍ଷେପ ନେଇ କୃଷିକୁ ଲାଭଜନକ ପେଷା ଭାବେ କୃଷକ ସଂପ୍ରଦାୟ ଆଗରେ ପ୍ରତିଷ୍ଠା କରିବାକୁ ଏହା ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଛି । ଶସ୍ୟ ଜାତୀୟ, ଡାଲି ଓ ତୈଳବୀଜ ଜାତୀୟ, ପନିପରିବା ଓ ଫଳ ଜାତୀୟ ପାରମ୍ପରିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ ତଥା କ୍ଷୁଦ୍ର ଓ ନାମ ମାତ୍ର ଶ୍ରେଣୀର ଚାଷୀମାନଙ୍କ ଆର୍ଥିକ ସ୍ୱାବଲମ୍ବନତା ପାଇଁ ସମନ୍ୱିତ କୃଷି ପ୍ରଣାଳୀ ପଦ୍ଧତିକୁ ପ୍ରସାରିତ କରିବା ସହିତ ଏହା ଅନେକ କାର୍ଯ୍ୟକ୍ରମ ଗ୍ରହଣ କରି ଆସିଛି । ପ୍ରତି ତିନିମାସରେ କେନ୍ଦ୍ରରୁ ପ୍ରକାଶିତ 'ପ୍ରଧାନପାଟ' କୃଷି ସମାଚାର ପତ୍ର ଏହି କାର୍ଯ୍ୟକ୍ରମ ଗୁଡ଼ିକର କିୟଦଂଶର ସମାହାର । ଏହା ଆମ ଜିଲ୍ଲାର ସମସ୍ତ କୃଷିଜୀବି ଓ କୃଷି ପ୍ରେମୀ ବନ୍ଧୁମାନଙ୍କ ପାଇଁ ଦିଗ୍ ଦର୍ଶକ ହେଉ ।

(କସ୍ତୁରୀ ଚରଣ ବାରିକ)







### - ଅଶ୍ରୁଳ ଶ୍ରଦ୍ଧାଞ୍ଜଳି -



**✓ ଅମିତ୍ କୁମାର ସାହୁ**

ତୁମେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଆଗ୍ରୋ-ପଲିଟେକ୍‌ନିକ୍‌ର ପ୍ରଥମ ବ୍ୟାଚ୍‌ର ଛାତ୍ର । ତୁମର ଅକାଳ ବିୟୋଗ ଆମ ସମସ୍ତଙ୍କ ମନରେ ଏକ ଅପୂରଣୀୟ କ୍ଷତ । ତୁମର ଶ୍ରଦ୍ଧା, ସମ୍ମାନ, କର୍ତ୍ତବ୍ୟନିଷ୍ଠା ତୁମକୁ ଆମ ହୃଦୟରେ ସବୁଦିନ ସବୁଜ, ଅମର କରି ରଖିବ । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ବିଭୁପଦରେ ପ୍ରାର୍ଥନା ।









# କୃଷି ବିଜ୍ଞାନ କେନ୍ଦ୍ରର ପ୍ରଶାସନିକ କାର୍ଯ୍ୟାଳୟ ଉଦ୍‌ଘାଟିତ



ବହୁ ପ୍ରତୀକ୍ଷାର ଅବସାନପରେ ତା ୧୫.୭.୨୦୧୨ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼ର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମାନନୀୟ କୁଳପତି, ପ୍ରଫେସର ଡି. ପି. ରାୟ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହା ସହ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ୍ ଏକ କୃଷକ ମେଳାକୁ କୁଳପତି ମହୋଦୟ ଉଦ୍‌ଘାଟନ କରିଥିଲେ । ଦେବଗଡ଼ଭଳି ଏକ କୃଷି ପ୍ରଧାନ ଜିଲ୍ଲାରେ ବୈଜ୍ଞାନିକ ଜ୍ଞାନ କୌଶଳକୁ ବିନିଯୋଗ କରି ଜିଲ୍ଲାର ଅର୍ଥନୀତି ସମୃଦ୍ଧ କରିବାକୁ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ସେ ପ୍ରକାଶ କରିଥଲେ । ବିଶ୍ୱବିଦ୍ୟାଳୟ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ଶଙ୍କର୍ଷଣ ନନ୍ଦ ଏଥିରେ ଯୋଗଦେଇ ସମନ୍ୱିତ କୃଷି ପ୍ରଣାଳୀ ଅବଲମ୍ବନ କରି ଜିଲ୍ଲାକୁ ଏକ ଆତ୍ମନିର୍ଭରଶୀଳ ଜିଲ୍ଲା ହିସାବରେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ କୁଳପତି ପ୍ରଫେସର ରାୟ ଏକ କୃଷି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଦୁଇସହ ଚାଷୀ ଯୋଗଦାନ କରିଥିଲେ ।

# ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼ର ଷଷ୍ଠ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ ଗତ ତା ୧୪.୯.୨୦୧୨ ରିଖ ଦିନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ




ନିର୍ଦ୍ଦେଶକ ଡଃ ଆର୍.କେ. ରାଜ ସଭାପତିତ୍ୱ କରିଥିଲେ ଓ ଦେବଗଡ଼ ଉପଖଣ୍ଡ ଜଙ୍ଗଲ ସଂପଦ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଉପକୃଷି ନିର୍ଦ୍ଦେଶକ, ଉଦ୍ୟାନବିତ୍, ମୁଖ୍ୟ ବ୍ୟାଙ୍କ୍ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀଗଣ ଯୋଗ ଦେଇ ୨୦୧୧-୧୨ ଆର୍ଥିକ ବର୍ଷରେ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ବିଭିନ୍ନ ବିଭାଗର ବୈଜ୍ଞାନିକ ନିଜ ନିଜ ବିଭାଗର ୨୦୧୨-୧୩ ବର୍ଷ ପାଇଁ ଯୋଜନା ଉପସ୍ଥାପନା କରିଥିଲେ । ବିଭିନ୍ନ ବିଭାଗ ସହ ଉତ୍ତମ ସମନ୍ୱୟ ସ୍ଥାପନ କରି ନୂତନ କୃଷି ଜ୍ଞାନ କୌଶଳକୁ ଦେବଗଡ଼ ଜିଲ୍ଲାରେ ଅଧିକ ପ୍ରଚାର ଓ ପ୍ରସାର କରିବାକୁ ସଭାପତି ଓ ବିଭିନ୍ନ ବିଭାଗୀୟ ଅଧିକାରୀଗଣ ପରାମର୍ଶ ଦେଇଥିଲେ ।

# ଆପିକଲ ଅଧକ୍ଷଙ୍କର କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଆପିକଲ୍, ଓଡ଼ିଶାର ଅଧକ୍ଷ ଶ୍ରୀଯୁକ୍ତ ବି.କେ ମିଶ୍ର ଗତ ତା ୧୬/୮/୨୦୧୨ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ । ସେ ଦେବଗଡ଼ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସଂଜୀବ କୁମାର ପ୍ରଧାନ ଓ ଜିଲ୍ଲାପାଳଙ୍କ ସହ କେନ୍ଦ୍ରର କୃଷି ପ୍ରଦର୍ଶନ କ୍ଷେତ୍ରକୁ ଅନୁଧ୍ୟାନ କରିଥିଲେ । ବୈଜ୍ଞାନିକମାନଙ୍କ ସହ ବାର୍ତ୍ତାଳାପ ବେଳେ ଜିଲ୍ଲାର ପ୍ରମୁଖ ଫଳଚାଷ ଆମ୍ବ ଓ ତରଭୁଜକୁ ପ୍ରକ୍ରିୟା କରଣ ମାଧ୍ୟମରେ ଅଧିକ ମୂଲ୍ୟଯୁକ୍ତ କରିବା ଶୈଳୀର ବ୍ୟାପକ ପ୍ରସାର ଉପରେ ଶ୍ରୀଯୁକ୍ତ ମିଶ୍ର ଗୁରୁତ୍ୱ ଆରୋପ କରିଥିଲେ । କୃଷି ପ୍ରଧାନ ଏହି ଜିଲ୍ଲାରେ କୃଷି ଯାନ୍ତ୍ରିକିକରଣ, ବିଶେଷଭାବେ ମହିଳାମାନଙ୍କ ଉପଯୋଗୀ ଯନ୍ତ୍ରମାନଙ୍କୁ ଆଦୃତ କରିବାକୁ କୃଷି ବିଜ୍ଞାନ କେନ୍ଦ୍ରକୁ ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।







ବାରକୋଟ ବ୍ଲକ ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମରେ ଆଦିବାସୀ ଉନ୍ନୟନ ଯୋଜନାରେ ଉନ୍ନତ ଚିନାବାଦାମ ଚାଷ ଉପରେ ଏକ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ୪ ହେକ୍ଟର ପରିମିତ ଜମିରେ ଆଦିବାସୀ ଚାଷୀମାନଙ୍କୁ ନେଇ ସେମାନଙ୍କୁ ସ୍ୱତି ଅଧିକ ଅମଳକ୍ଷମ ବିହନ ସହ ବିଭିନ୍ନ ଆଧୁନିକ ଜ୍ଞାନ କୌଶଳକୁ ଆଦୃତ କରିବାକୁ ଏହି କ୍ଷେତ୍ର

# ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ କ୍ଷେତ୍ର ପ୍ରଦର୍ଶନ



ପ୍ରଦର୍ଶନ ଗ୍ରହଣ କରାଯାଇଥିଲା । ଚାଷୀମାନଙ୍କୁ ଚିନାବାଦାମ ଚାଷରେ ରାଇଜୋବିୟମ୍ କଲଚର ପ୍ରୟୋଗ, ମୃତ୍ତିକା ପରୀକ୍ଷା ଭିତ୍ତିକ ସାର ପ୍ରୟୋଗ, ଜିପସମ୍ ବ୍ୟବହାର ଓ ଆବଶ୍ୟକୀୟ ସମନ୍ୱିତ୍ ରୋଗ ପୋକ ପରିଚାଳନା ଉପରେ ତାଲିମ୍ ଦିଆଯିବା ସହ ଜ୍ଞାନ କୌଶଳ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା । ଖରାଟିଆ ଏହି ଚିନାବାଦାମ ଚାଷରେ ହେକ୍ଟରପିଛା କ୍ଷେତ୍ର ପ୍ରଦର୍ଶନରେ ହାରାହାରି ୨୦.୬ କ୍ୱିଣ୍ଟାଲ ଅମଳ ମିଳିଥିବା ବେଳେ ଚାଷୀର ନିଜସ୍ୱ ପଦ୍ଧତିରେ ୧୫.୪ କ୍ୱିଣ୍ଟାଲ ମିଳିଥିଲା । ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡଃ ଅଶୋକ କୁମାର ମହାପାତ୍ର ଏହି କ୍ଷେତ୍ର ପ୍ରଦର୍ଶନକୁ ଆସି ଅନୁଧ୍ୟାନ କରିଥିଲେ ଓ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଆୟୋଜିତ କ୍ଷେତ୍ର ଦିବସରେ ସ୍ଥାନୀୟ କୃଷି ଅଧିକାରୀ ଓ ଆତ୍ମା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ସ୍ଥାନୀୟ ଗଣମାଧ୍ୟମ ଏହି ଜ୍ଞାନ କୌଶଳକୁ ଜିଲ୍ଲାରେ ପ୍ରସାର କରିବାକୁ ପଦକ୍ଷେପ ନେଇଥିଲା ।





ତା୧୫ ଓ ୧୬ ଜୁଲାଇ ୨୦୧୨ ରିଖରେ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଆତ୍ମା, ଦେବଗଡ଼ ପ୍ରାୟୋଜିତ ଦୁଇଟି କୃଷକ-ବୈଜ୍ଞାନିକ ମତ ବିନିମୟ କାର୍ଯ୍ରକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶସ୍ୟ ବିଜ୍ଞାନୀ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ଶଙ୍କର୍ଷଣ ନନ୍ଦ ଅମ୍ଳ ମାଟି ପରିଚାଳନା ସଂକ୍ରାନ୍ତୀୟ ବିଭିନ୍ନ ତଥ୍ୟ ଏହି ଅବସରରେ ଉପସ୍ଥାପନ କରିଥଲେ । କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ର କାର୍ଯ୍ୟକ୍ରମ ସଂଯୋଜକ ଡଃ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଡଃ. ସଂଗ୍ରାମ କେଶରୀ ସ୍ୱାଇଁ ସଂରକ୍ଷଣ କୃଷିର ବିଭିନ୍ନ ଦିଗ ଉପରେ

# ସଂରକ୍ଷଣ କୃଷି ଉପରେ କୃଷକ-ବୈଜ୍ଞାନିକ ମତ ବିନିମୟ ଅନୁଷ୍ଠିତ



ଆଲୋଚନା କରିଥିଲେ । ପରଦିନ କୃଷି ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଶସ୍ୟ ବୈଜ୍ଞାନିକ ଡଃ ଲଳିତ ମୋହନ ଗଡ଼ନାୟକ ସମନ୍ୱିତ ତୃଣକ ପରିଚାଳନା ଉପରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ । ବରିଷ୍ଠ ମୃତ୍ତିକା ବୈଜ୍ଞାନିକ ଡଃ. କେ.ଏନ୍ ମିଶ୍ର ଅମ୍ଳମାଟି ପରିଚାଳନା ଉପରେ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପଚାଶ ଜଣ ଚାଷୀ ଯୋଗଦେଇଥିଲେ ।